# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**21 April - 2026**

**********************************

## ମୁଖ୍ୟ ସମ୍ବାଦ

- ଦେଶର ସବୁ ବର୍ଗର ବିକାଶ ଓ ଅଂଶଗ୍ରହଣରେ ବିକଶିତ ଓଡ଼ିଶା ଓ ଭାରତର ସ୍ୱପ୍ନ ପୂରଣ ହେବ; କହିଲେ ରାଷ୍ଟ୍ରପତି

— ରାଉରକେଲଠାରେ ୧୫୮ କୋଟି ଟଙ୍କା ବ୍ୟୟରେ ବିଭିନ୍ନ ପ୍ରକଳ୍ପର କଲେ ଲୋକାର୍ପଣ

- ପୁରୀରେ ଅନୁଷ୍ଠିତ ହେଉଛି ୪ଟି ରାଜ୍ୟର ବିଧାନସଭା ବାଚସ୍ପତିଙ୍କ ସମ୍ମିଳନୀ
- ଉତ୍ତରଦାୟୀ ଶାସନକୁ ମଜଭୁତ କରିବାରେ ପ୍ରଶାସନିକ କର୍ମଚାରୀଙ୍କ ଭୂମିକାକୁ ଗୁରୁତ୍ୱ ଦେଇ ଆଜି ପାଳନ କରାଯାଉଛି 'ଜାତୀୟ ଲୋକସେବା ଦିବସ'
- ମୁଖ୍ୟମନ୍ତ୍ରୀ କନ୍ୟାବିବାହ ଯୋଜନାରେ ରାଜ୍ୟର ୨୭ଟି ଜିଲ୍ଲାରେ ଚାଲିଛି ସାମୂହିକ ବିବାହ କାର୍ଯ୍ୟକ୍ରମ

ଏବଂ

- ପ୍ରବଳ ଗରମ ଓ ଗୁଳୁଗୁଳି ନେଇ ୧୧ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

## ରାଷ୍ଟ୍ରପତି

ଦେଶର ସବୁ ବର୍ଗର ବିକାଶ ଓ ଅଂଶଗ୍ରହଣରେ ୨୦୩୬ ବିକଶିତ ଓଡ଼ିଶା ଓ ୨୦୪୭ ବିକଶିତ ଭାରତର ସ୍ୱପ୍ନ ପୂରଣ ହୋଇପାରିବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ରାଉରକେଲା ସେକ୍ଟର-୧୩ ପଡିଆରେ ଆଜି ଆୟୋଜିତ ଜନସଭାକୁ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି କହିଛନ୍ତି, ଦେଶର କୃଷକ, ଶ୍ରମିକ, ଆଦିବାସୀ ଓ ବଂଚିତବର୍ଗ ଲୋକଙ୍କ ପ୍ରୟାସ ଓ ନିଷ୍ଠା ବଳରେ ସବୁ ବର୍ଗର ଅଗ୍ରଗତି ସମ୍ଭବ ହେବ। ଏହି ଅବସରରେ ଷ୍ଟିଲସିଟିଠାରେ ରାଷ୍ଟ୍ରପତି ୧୫୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ର, ଆଦିବାସୀ ସଂଗ୍ରହାଳୟ, କୋଏଲନଗର ମନୋରଞ୍ଜନ ଏବଂ ବିଜ୍ଞାନ ପାର୍କ ଓ ପ୍ଲାନେଟୋରିୟମ୍‌କୁ ଲୋକାର୍ପଣ କରିଛନ୍ତି।

ରାଷ୍ଟ୍ରପତି କହିଛନ୍ତି, ବିପ୍ଳବୀ ନିର୍ମଳ ମୁଣ୍ଡାଙ୍କ ସଂଗ୍ରାମ ଓଡ଼ିଶା ସହିତ ଭାରତ ଇତିହାସରେ ଏକ ଅଭୁଲା ଅଧ୍ୟାୟ। ବ୍ରିଟିଶଙ୍କ ବିରୋଧରେ ଆନ୍ଦୋଳନ କରି ନିର୍ମଳ ମୁଣ୍ଡା ଆଠ ବର୍ଷ କାରାଦଣ୍ଡ ଭୋଗିଥିଲେ। ଓଡ଼ିଶା ସଂଗ୍ରାମର ଭୂମି ଭାବେ ଇତିହାସ ପ୍ରସିଦ୍ଧ। କନ୍ଧମେଳି, ସାନ୍ତାଳ ଓ ଭୂୟାଁ ମେଳି, ମୁଣ୍ଡା ବିଦ୍ରୋହ, ୧୮୫୭ ମହାସଂଗ୍ରାମଠାରୁ ଭାରତଛାଡ

ଆନ୍ଦୋଳନରେ ମଧ୍ୟ ପ୍ରତି ପର୍ଯ୍ୟାୟରେ ଓଡ଼ିଶାବାସୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ସୁନ୍ଦରଗଡ଼ର ଅନ୍ୟତମ ଗର୍ବ ହେଉଛି କ୍ରୀଡା ପରମ୍ପରା। ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ଓ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍ କ୍ରୀଡାର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ ବହୁ କ୍ରୀଡାବିତ୍ ସୃଷ୍ଟି କରିଛି। ନିର୍ମଳ ମୁଣ୍ଡା ପରିବେଶ ପଥ, ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟୋରିୟମ୍ ଉଦ୍‌ଘାଟନ ଦ୍ୱାରା ସହରବାସୀ ବିଶେଷ ଉପକୃତ ହେବେ ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି।

## - V/O - (Prez)

ରାଉକେଲା ସଂଗ୍ରହାଳୟରେ ସ୍ଥାପିତ ୧୮୦ ଡିଗ୍ରୀ ଇଣ୍ଟରଆକ୍ଟିଭ୍ ପ୍ରୋଜେକ୍‌ସନ୍ ୱାଲ୍ ଆଦିବାସୀ ଜନଜୀବନର ଜୀବନ୍ତ ଛବି ପ୍ରତି ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିବ। ଏହା ଏକ ସଂଗ୍ରହାଳୟ ନୁହେଁ; ଏହା ଓଡ଼ିଶାର ଆଦିବାସୀଙ୍କ ଆତ୍ମା, ସଂସ୍କୃତି ଓ ଗୌରବର ଜୀବନ୍ତ ପ୍ରତୀକ। ସ୍ୱାଧୀନତା ସଂଗ୍ରାମରେ ଜନଜାତି ଲୋକଙ୍କ ଅବଦାନକୁ ସ୍ମରଣ କରି ଦେଶର ବିଭିନ୍ନ ସ୍ଥାନରେ ଆଦିବାସୀ ସଂଗ୍ରହାଳୟ ସ୍ଥାପନ କରାଯାଉଛି। ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ର ପ୍ରତିଷ୍ଠା ଦ୍ୱାରା ରାଉରକେଲାରେ ଟ୍ରାଫିକ୍ ନିୟନ୍ତ୍ରଣ ହେବା ସହିତ ସ୍ୱୟଂଚାଳିତ ଟ୍ରାଫିକ୍ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟୋରିୟମ୍ ଆମ ଯୁବପିଢ଼ିଙ୍କୁ ବିଜ୍ଞାନ ମାର୍ଗରେ ଅଗ୍ରସର କରି ଅନୁସନ୍ଧିତ୍ସୁ ହେବାରେ ପ୍ରେରଣା ଦେବ ବୋଲି ରାଷ୍ଟ୍ରପତି କହିଛନ୍ତି।

କୋଏଲ୍ ନଦୀକୂଳରେ ନିର୍ମିତ ନିର୍ମଳ ମୁଣ୍ଡା ପରିବେଶ ପଥ ଜନସାଧାରଣଙ୍କୁ ଅବସର ବିନୋଦନ, ଯୋଗ, କ୍ରୀଡା, ବିଶ୍ରାମ ଓ ସାମୂଦାୟିକ କାର୍ଯ୍ୟକଳାପ ସୁବିଧା ପ୍ରଦାନ କରିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟାରେ ଜନଜାତି ବର୍ଗଙ୍କ କଲ୍ୟାଣ ନିମନ୍ତେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି।

ପ୍ରଧାନମନ୍ତ୍ରୀ ବନଧନ ଯୋଜନାରେ ଲଘୁ ବନଜାତ ଦ୍ରବ୍ୟ ଉପରେ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ, ଆଦିବାସୀ ମହିଳା ସଶକ୍ତୀକରଣ ପାଇଁ କମ୍ ସୁଧରେ ଋଣ ପ୍ରଦାନ ଓ ଜନଜାତି ଲୋକଙ୍କ ସିକିଲିସେଲ-ଆନିମିଆ ରୋଗ ଦୂର ପାଇଁ କାର୍ଯ୍ୟକାରୀ ରାଷ୍ଟ୍ରୀୟ ମିଶନ ସରକାରଙ୍କ ଆନ୍ତରିକ ଉଦ୍ୟମର ପ୍ରତିଫଳନ ବୋଲି ରାଷ୍ଟ୍ରପତି କହିଛନ୍ତି। ଜନଜାତି ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ଦକ୍ଷତାର ବିକାଶ ପାଇଁ ସମୟ ଉପଯୋଗ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ମନରେ ଦେଶପ୍ରେମର ଭାବ ରଖି ଉନ୍ନତିର ଶିଖର ଛୁଇଁବାକୁ ଛାତ୍ରଛାତ୍ରୀମାନଙ୍କୁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି।

ରାଜ୍ୟରେ ଜାରି ରହିଥିବା ଜନଜାତି ଲୋକଙ୍କ କଲ୍ୟାଣକାରୀ ଯୋଜନା ପାଇଁ ଶ୍ରୀମତୀ ମୁର୍ମୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାଧୁବାଦ ପ୍ରଦାନ କରିଛନ୍ତି।

ରାଉରକେଲା ସହର ରାଷ୍ଟ୍ର ନିର୍ମାଣରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ସହ ଲକ୍ଷ ଲକ୍ଷ ଲୋକଙ୍କୁ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

**- V/O - (CM)**

କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ପ୍ରମୁଖ ଉପସ୍ଥିତ ଥିଲେ।

## ବାଚସ୍ପତି ସମ୍ମିଳନୀ

ଚାରିଟି ରାଜ୍ୟର ବିଧାନସଭା ବାଚସ୍ପତିମାନଙ୍କ ସମ୍ମିଳନୀ ଆଜି ପୁରୀରେ ଅନୁଷ୍ଠିତ ହେଉଛି। ଭାରତୀୟ ସମ୍ବିଧାନର ଦଶମ ଅନୁସୂଚୀକୁ ନେଇ ସମ୍ମିଳନୀରେ ବିସ୍ତୃତ ଆଲୋଚନା କରାଯାଉଛି। ଏହି ସମ୍ମିଳନୀରେ ଓଡ଼ିଶା ସମେତ ମହାରାଷ୍ଟ୍ର, କର୍ଣ୍ଣାଟକ ଓ ନାଗାଲାଣ୍ଡର ବାଚସ୍ପତିମାନେ ଯୋଗଦେଇଛନ୍ତି। ଏଥିସହିତ ସ୍ୱେଚ୍ଛାକୃତ ଭାବେ ନିଜ ଦଳର ସଦସ୍ୟତା ତ୍ୟାଗ କରିବା କିମ୍ବା ପାର୍ଟି ହୁଇପ୍ ବିରୋଧରେ ଭୋଟ ଦିଅନ୍ତି ବା ଅନୁପସ୍ଥିତ ରହନ୍ତି ଅଥବା ନିଯୁକ୍ତ ହୋଇଥିବା ସଭ୍ୟ ଛଅମାସ ପରେ କୌଣସି ରାଜନୈତିକ ଦଳରେ ଯୋଗଦେଲେ ଅଯୋଗ୍ୟ ଘୋଷିତ ହେବା ନେଇ ବୈଠକରେ ସମୀକ୍ଷା କରାଯାଉଛି।

# ପ୍ରେଜ୍ ସିଭିଲ ସର୍ଭିସ୍ ଡେ

ଜାତୀୟ ଲୋକସେବା ଦିବସ ଆଜି ପାଳନ କରାଯାଉଛି । ୧୯୪୭ ମସିହା ଆଜିର ଦିନରେ ଦେଶର ପ୍ରଥମ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ

ପଟେଲ ଦିଲ୍ଲୀର ମେଟ୍‌କ୍ୟାଫ୍ ହାଉସ୍‌ରେ ପ୍ରଶାସନିକ ସେବାର ଶିକ୍ଷାନବୀଶ ଅଧିକାରୀମାନଙ୍କୁ ପ୍ରଥମ ଥର ସମ୍ବୋଧିତ କରିଥିଲେ । ସେହି ଦିନକୁ ସ୍ମରଣୀୟ କରିବା ସହିତ ଦେଶସେବା ପ୍ରତି  ପ୍ରଶାସନିକ ଅଧିକାରୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏହି ଦିବସ ପାଳନ କରାଯାଉଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଉତ୍ତରଦାୟୀ ଶାସନକୁ ମଜଭୁତ କରିବା ଏବଂ ସରକାରୀ ଅନୁଷ୍ଠାନ ଗୁଡ଼ିକୁ ସୁଦୃଢ଼ କରିବା ପାଇଁ ପ୍ରଶାସନିକ କର୍ମଚାରୀମାନେ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି । ଭାରତ ନୂତନ ଆକାଂକ୍ଷା ସହିତ ଆଗକୁ ବଢୁଥିବାବେଳେ ପ୍ରଶାସନିକ କର୍ମଚାରୀଙ୍କ ଅଖଣ୍ଡତା ଏବଂ ସହାନୁଭୂତି ଶୂନ୍ୟସ୍ଥାନ ପୂରଣ କରିବା, ସମାବେଶିତା ବୃଦ୍ଧି ଏବଂ ରାଜ୍ୟ ତଥା ଏହାର ନାଗରିକଙ୍କ ମଧ୍ୟରେ ବିଶ୍ୱାସକୁ ସୁଦୃଢ଼ କରିବାରେ ସହାୟକ ହେବ ବୋଲି ରାଷ୍ଟ୍ରପତି ଆଶାବ୍ୟକ୍ତ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସୁ-ଶାସନ ଏବଂ ରାଷ୍ଟ୍ର ନିର୍ମାଣ ଦିଗରେ କାର୍ଯ୍ୟକରିବାର ସଂକଳ୍ପକୁ ଅଧିକ ମଜଭୁତ କରିବାର ଏହା ଏକ ସୁଯୋଗ । ତୃଣମୂଳ ସ୍ତରଠାରୁ ଆରମ୍ଭ କରି ନୀତି ନିର୍ଦ୍ଧାରଣ ପର୍ଯ୍ୟନ୍ତ ପ୍ରଶାସନିକ କର୍ମଚାରୀଙ୍କ ପ୍ରୟାସ ଅସଂଖ୍ୟ ଲୋକଙ୍କ ଜୀବନ ଓ ଭାରତର ପ୍ରଗତିରେ ଯୋଗଦାନ ରଖିଥାଏ ।

## ଗ୍ରୀଡ୍‌କୋ

ରାଜ୍ୟର ବିଦ୍ୟୁତ୍ କ୍ଷେତ୍ରରେ ଗ୍ରୀଡ୍‌କୋର ସଂସ୍କାରମୂଳକ ପଦକ୍ଷେପ ଅତୁଳନୀୟ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ

କହିଛନ୍ତି । ଗ୍ରୀଡ୍‌କୋର ୩୧ତମ ସ୍ଥାପନା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ସିଂହଦେଓ କହିଛନ୍ତି, ଗ୍ରୀଡ୍‌କୋ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । କାର୍ଯ୍ୟକ୍ରମରେ ୭ ଜଣ ଶ୍ରେଷ୍ଠ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା ।

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅନ୍ତର୍ଗତ ସାମୂହିକ ବିବାହ କାର୍ଯ୍ୟକ୍ରମ ରାଜ୍ୟର ୨୭ଟି ଜିଲ୍ଲାରେ ଅନୁଷ୍ଠିତ ହେଉଛି ।

**ସୁବର୍ଣ୍ଣପୁର** ଜିଲ୍ଲାରେ ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅନ୍ତର୍ଗତ ସାମୂହିକ ବିବାହ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ୧୭ ଯୋଡି ବରକନ୍ୟାଙ୍କ ବିବାହ ସମ୍ପନ୍ନ ହୋଇଛି । ଜିଲ୍ଲାପାଳ ଓ ବିଧାୟକ ଯୋଗଦେଇ ପ୍ରତ୍ୟେକ ନବବିବାହିତ ଦମ୍ପତ୍ତିଙ୍କୁ ୪୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ।

**ରାୟଗଡ଼ା** ଜିଲ୍ଲାରେ ୨୨ ଯୋଡି ବରକନ୍ୟାଙ୍କ ସାମୂହିକ ବିବାହ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ଓ ମହିଳା ଶିଶୁ ବିଭାଗ ପକ୍ଷରୁ ବରକନ୍ୟାଙ୍କୁ ସମସ୍ତ ବିବାହ ସାମଗ୍ରୀ ଓ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

**ଭଦ୍ରକ** ଟାଉନ୍‌ହଲ୍‌ରେ ୨୫ ଯୋଡା ବରକନ୍ୟାଙ୍କ ବିବାହ ଅନୁଷ୍ଠିତ ହୋଇଯାଇଛି । ସମବାୟ, ହସ୍ତତନ୍ତ ବିଭାଗ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ

ପ୍ରମୁଖ ଯୋଗଦେଇ ପ୍ରତ୍ୟେକ କନ୍ୟାଙ୍କୁ ୪୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିଛନ୍ତି ।

**କଳାହାଣ୍ଡି** ଜିଲ୍ଲା ଭବାନୀପାଟଣା ରିସଗାଁଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୩୪ ଯୋଡା ବରକନ୍ୟାଙ୍କ ବିବାହ ହୋଇଯାଇଛି ।

## ସଦାଶିବ ତ୍ରିପାଠୀ ଜୟନ୍ତୀ

**ମାଲକାନଗିରି** ସରକାରୀ ମହିଳା ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡକ୍ଟର ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି । ସ୍ୱର୍ଗତ ତ୍ରିପାଠୀ ଆଧୁନିକ ଓଡ଼ିଶାର ଜଣେ ଦୂରଦ୍ରଷ୍ଟା ନିର୍ମାତା ଥିଲେ ବୋଲି ଅତିଥିମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି ।

## ଶିକ୍ଷାଦାନ ସମୀକ୍ଷା

**ନୟାଗଡ଼** ଜିଲ୍ଲାର ବିଭିନ୍ନ ବିଦ୍ୟାଳୟକୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଘର କାର୍ଯ୍ୟପ୍ରକଳ୍ପ ନିର୍ଦ୍ଦେଶିକା ସ୍ମିତା ରାଉତ ପରିଦର୍ଶନ କରି ଶିକ୍ଷାଦାନର ସମୀକ୍ଷା କରିଛନ୍ତି । ସରକାରୀ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ଅନ୍ୟ ବିଭାଗ ସହ ସହଯୋଗ କରିବାକୁ ଶ୍ରୀମତୀ ରାଉତ ମତ ବ୍ୟକ୍ତ କରିଛନ୍ତି ।

## ହାତୀ

**ଢେଙ୍କାନାଳ** ଜିଲ୍ଲାର ବିଭିନ୍ନ ଗ୍ରାମ ପଞ୍ଚାୟତରେ ହାତୀର ଗତିବିଧି ଜାଣିବା ପାଇଁ ଅର୍ଲି ୱାର୍ଣ୍ଣିଂ ସିଷ୍ଟମ-ଇଡବ୍ଲ୍ୟୁଏସ୍ କାର୍ଯ୍ୟକାରୀ କରାଯାଇଛି । ଜିଲ୍ଲା ପ୍ରଶାସନ ଓ ବନବିଭାଗର ମିଳିତ ଉଦ୍ୟମରେ ହାତୀପ୍ରବଣ ଅଂଚଳଗୁଡ଼ିକରେ ୧୬୦ଟି ଇଡବ୍ଲ୍ୟୁଏସ ୟୁନିଟ୍ ସ୍ଥାପନ କରାଯାଇଛି । ହାତୀ ଗତିବିଧି ଚିହ୍ନଟ ହେଲେ ତୁରନ୍ତ ସାଇରନ୍ ବଜାଯାଇ ଗ୍ରାମବାସୀଙ୍କୁ ସତର୍କ କରାଯାଉଛି ।

## ପାନୀୟ ଜଳ ସମସ୍ୟା

**ନୂଆପଡ଼ା** ଜିଲ୍ଲା ଭାଲେଶ୍ୱର ଗ୍ରାମ ପଂଚାୟତରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି । ଗ୍ରାମବାସୀମାନେ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ଓ ବିଭାଗୀୟ କର୍ମଚାରୀଙ୍କୁ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ଗ୍ରୀଷ୍ମପ୍ରକୋପ-ସ୍କୁଲ ଛୁଟି

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାରେ ଲାଗିଛି । ଗତ କିଛିଦିନ ଧରି ବିଭିନ୍ନ ସହରରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଉଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କ ନିଷ୍ପତ୍ତିକ୍ରମେ ବିଭିନ୍ନ ଜିଲ୍ଲାରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି । ଗରମ-ଗୁଳୁଗୁଳି ନେଇ ଆଗାମୀ ୨୪ ଘଣ୍ଟା ପାଇଁ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୧୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

**ମାଲକାନଗିରି** ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ସ୍କୁଲ ଆସନ୍ତାକାଲିଠାରୁ ୨୫ ତାରିଖ ପର୍ଯ୍ୟନ୍ତ ବନ୍ଦ ରହି ବୋଲି ଜିଲ୍ଲାପାଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୟ ମଧ୍ୟରେ ପଞ୍ଚମ ଓ ସପ୍ତମ ପରୀକ୍ଷା ନିର୍ଦ୍ଧାରିତ ସମୟ ମଧ୍ୟରେ ହେବ । ପରୀକ୍ଷା ସମୟରେ ପାନୀୟ ଜଳ, ଓଆରଏସ୍ ଓ ପ୍ରାଥମିକ ଚିକିତ୍ସା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସ୍କୁଲମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

**ଗଜପତି** ଜିଲ୍ଲାରେ ଆସନ୍ତାକାଲିଠାରୁ ୨୪ ତାରିଖ ଯାଏଁ ଜିଲ୍ଲାପାଳଙ୍କ ନିଷ୍ପତ୍ତି କ୍ରମେ ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି ।

ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଯାଇଛି । କନ୍ଧମାଳ ଜିଲ୍ଲାର ଖଜୁରୀପଡାରେ ସର୍ବାଧିକ ୨୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଆଗାମୀ ପାଞ୍ଚ ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ୨୫ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।